# NATIONAL NEWS BULLETIN (ODIA)

## 18 June - 2026

## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ କ୍ଷେତ୍ରରେ ନବସୃଜନ ମାଧ୍ୟମରେ ସମାଧାନର ପନ୍ଥା ଉନ୍ମୁକ୍ତ ହୋଇପାରିବ କହିଲେ ପ୍ରଧାନମନ୍ତ୍ରୀ ।

– ପ୍ୟାରିସ୍‌ରେ ଆଜି ପ୍ରମୁଖ ଫରାସୀ ଶିଳ୍ପ ନେତୃତ୍ୱଙ୍କ ସହ କଲେ ଆଲୋଚନା ।

- ସମବାୟ ବ୍ୟାଙ୍କିଙ୍ଗ୍, ଜୈବ ଉତ୍ପାଦ ଏବଂ ରପ୍ତାନୀ କ୍ଷେତ୍ରକୁ ସଶକ୍ତ କରିବା ଲକ୍ଷ୍ୟ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ହୋଇଛି ଉଚ୍ଚସ୍ତରୀୟ ବୈଠକ ।

- ପି.ଏମ୍.–ଭି.ବି.ଆର୍.ୱାଇ. ଯୋଜନା ଅଧୀନରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ପ୍ରଦାନ କରିବେ ପ୍ରାୟ ୨ହଜାର ୪୦୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ।

- ନିଟ୍-ୟୁଜି ପୁନଃ ପରୀକ୍ଷା ପ୍ରସ୍ତୁତିର ସମୀକ୍ଷା କଲେ ଶିକ୍ଷା ମନ୍ତ୍ରୀ ।

ଏବଂ

- ଫିଫା ବିଶ୍ୱକପ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଆଜି ଚେକ୍ ଗଣରାଜ୍ୟ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ ମ୍ୟାଚ୍ ।

## ପିଏମ୍-ଭିଭା ଟେକ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପାରମ୍ପରିକ ପଦ୍ଧତିଗୁଡ଼ିକ ବିଫଳ ହେଉଥିବା କ୍ଷେତ୍ରରେ ନବସୃଜନ ସମାଧାନର ପନ୍ଥା ପ୍ରଦାନ କରିପାରିବ । ପ୍ୟାରିସ୍‌ରେ ଭିଭାଟେକ୍ ୨୦୨୬ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ମୋଦୀ ଡିଜିଟାଲ୍ ଆର୍ଥିକ କାରବାର, ଆର୍ଥିକ ସମାବେଶୀ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ କୃଷି ଭଳି କ୍ଷେତ୍ରରେ ଭାରତର ଦ୍ରୁତ ପ୍ରଯୁକ୍ତି ଆଧାରିତ ପରିବର୍ତ୍ତନ ଉପରେ ଆଲୋକପାତ କରିଛନ୍ତି । ଭାରତର ମହାକାଶ ପ୍ରଯୁକ୍ତି ଏବଂ ପରମାଣୁ ଶକ୍ତି କ୍ଷେତ୍ରର ସଫଳତା ମାଧ୍ୟମରେ ମାନବ ଦକ୍ଷତାର ସୀମା ବ୍ୟାପକ ହୋଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ପ୍ରଯୁକ୍ତିବିଦ୍ୟା ସମସ୍ତଙ୍କ ପାଇଁ ସୁଗମ ହେବା ଉପରେ ଗୁରୁତ୍ୱ ପ୍ରଦାନ କରି ଶ୍ରୀ ମୋଦୀ କହିଛନ୍ତି, କୃତ୍ରିମ ବୁଦ୍ଧିମତା ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରିବା ଦୃଷ୍ଟିକୋଣ ନେଇ ଭାରତ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ କାର୍ଯ୍ୟ କରୁଛି ବୋଲି କହିଛନ୍ତି । ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ବାଣିଜ୍ୟ, ନିବେଶ, ପ୍ରଯୁକ୍ତି ଆଦାନ ପ୍ରଦାନ ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ଏହା ଅଧିକ ଗତିଶୀଳ

କରିବ । ବିଶ୍ୱସ୍ତରୀୟ ଗବେଷକ ଏବଂ ନିବେଶକଙ୍କୁ ଭାରତ ସହିତ କାମ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

## ପିଏମ୍-ମିଟ୍ ଫ୍ରେଞ୍ଚ୍ ଇଣ୍ଡଷ୍ଟ୍ରି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପ୍ୟାରିସ୍‌ରେ ପ୍ରମୁଖ ଫରାସି ଶିଳ୍ପ ନେତୃତ୍ୱଙ୍କ ସହ ଆଲୋଚନା କରିଛନ୍ତି । ସାମୁଦ୍ରିକ ଭିତ୍ତିଭୂମି, ଉତ୍ପାଦନ, କୃତ୍ରିମ ବୁଦ୍ଧିମତା ଏବଂ ସ୍ଥାୟୀତ୍ୱ ଆଦି ବିଭିନ୍ନ ପ୍ରସଙ୍ଗରେ ମତବିନିମୟ ହୋଇଛି । ବୈଠକ ପରେ ଆକାଶବାଣୀ ସହ ଆଲୋଚନାକାଳରେ କେତେକ କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାରତରେ ବୃଦ୍ଧି ପାଉଥିବା ସୁଯୋଗ ଉପରେ ଆଲୋକପାତ କରିବା ସହ ସମ୍ପର୍କ ବୃଦ୍ଧି ନେଇ କମ୍ପାନୀ ତରଫରୁ ଗ୍ରହଣ କରାଯିବାକୁ ଥିବା ଯୋଜନା ଉପରେ ସୂଚନା ପ୍ରଦାନ କରିଛନ୍ତି ।

ବେନୋଇଟ୍‌ବାଜିନ୍‌ର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସେନ୍ଥ ଗୋବେନ୍‌ଙ୍କ କହିଛନ୍ତି, ଏସୀୟ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପାଇଁ ଭାରତ ଏକ ପ୍ରମୁଖ ଉତ୍ପାଦନ ଓ ରପ୍ତାନୀ କେନ୍ଦ୍ର ଭାବେ ପ୍ରତିଷ୍ଠା ଲାଭ କରିଛି । ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଏବଂ ଶକ୍ତି ଦକ୍ଷତା ବିକାଶ କ୍ଷେତ୍ରରେ ତାଙ୍କ କମ୍ପାନୀ ନିବେଶ କରିବା ପାଇଁ ବିଚାର କରୁଛି ବୋଲି ସେ ସୂଚନା ଦେଇଛନ୍ତି । ମିଷ୍ଟ୍ରାଲ୍-ଏ.ଆଇ.ର ସି.ଇ.ଓ. ଆର୍ଥର ମେନ୍ସକ୍

କହିଛନ୍ତି, ଭାରତୀୟ ଭାଷା କ୍ଷେତ୍ରକୁ ସହଯୋଗ ପ୍ରଦାନ କରିବା ଏବଂ କୃତ୍ରିମ ବୁଦ୍ଧିମତା ଆଧାରିତ ଗବେଷଣା କ୍ଷେତ୍ରକୁ ଅଧିକ ବ୍ୟାପକ କରିବାରେ ସହଭାଗି ହେବାକୁ ତାଙ୍କ କମ୍ପାନୀ ଆଗ୍ରହ ପ୍ରକାଶ କରିଛି । ସି.ଏମ୍.ଏ.-ସି.ଜି.ଏମ୍.ର ଅଧ୍ୟକ୍ଷ ତଥା ସି.ଇ.ଓ. ରୋଡେଲ୍ଫ ସାଦେ କହିଛନ୍ତି, ଭାରତ ଜାହାଜ ନିର୍ମାଣ କ୍ଷେତ୍ରରେ ଦ୍ରୁତ ବିକାଶ କରୁଛି । ଭାରତୀୟ ଜାହାଜ ନିର୍ମାଣ କ୍ଷେତ୍ର ସହ ମିଳିତ ଭାବେ ୬ଟି ଏଲ୍.ଏନ୍.ଜି. ଚାଳିତ ଜାହାଜ ନିର୍ମାଣ ପାଇଁ ତାଙ୍କ କମ୍ପାନୀ ନିଷ୍ପତ୍ତି ଗ୍ରହଣ କରିଥିବା ସୂଚନା ଦେଇଛନ୍ତି । ବୈଠକରେ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ବୃଦ୍ଧି ପାଉଥିବା ଅର୍ଥନୈତିକ ଓ ପ୍ରଯୁକ୍ତିବିଦ୍ୟା ସହଯୋଗ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

## ହୋମ୍ ମିନିଷ୍ଟ୍ରୀ

ଦେଶରେ ସମବାୟ ବ୍ୟାଙ୍କିଙ୍ଗ୍, ଜୈବ ଉତ୍ପାଦ ଏବଂ ସମବାୟ ରପ୍ତାନୀକୁ ସଶକ୍ତ କରିବା ଲକ୍ଷ୍ୟ ନେଇ ନୂଆଦିଲ୍ଲୀରେ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବୈଠକରେ ଅଧ୍ୟକ୍ଷତା କରି ଏ କ୍ଷେତ୍ରରେ ଗ୍ରହଣ କରାଯାଉଥିବା ପଦକ୍ଷେପଗୁଡ଼ିକ ଉପରେ ସମୀକ୍ଷା କରିଛନ୍ତି । କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ବୈଠକରେ ପ୍ରସ୍ତାବିତ

ଭାରତୀୟ ସମବାୟ ବ୍ୟାଙ୍କ୍ ଏବଂ ଭବିଷ୍ୟତରେ ସମବାୟ ବ୍ୟାଙ୍କିଙ୍ଗ୍ କ୍ଷେତ୍ରକୁ ସହଯୋଗ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହାର ଭୂମିକା ଉପରେ ଆଲୋଚନା ହୋଇଛି । ପ୍ରଯୁକ୍ତିବିଦ୍ୟା ଆଧାରିତ ପଦକ୍ଷେପଗୁଡ଼ିକର ଅଗ୍ରଗତିଗୁଡ଼ିକ ଉପରେ ବୈଠକରେ ସମୀକ୍ଷା କରାଯାଇଛି । ସାଇବାର ଠକେଇକୁ ପ୍ରତିହତ କରିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ନେଇ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ସହ ସମନ୍ୱୟ ମାଧ୍ୟମରେ କରାଯାଉଥିବା କାର୍ଯ୍ୟ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିବା ମନ୍ତ୍ରଣାଳୟ କହିଛି ।

## ଭିପି–ଡ୍ରଗ୍ ଫ୍ରି କ୍ୟାମ୍ପସ୍

ନିଶାମୁକ୍ତ ପରିସର ଅଭିଯାନ ଅଧୀନରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପକୁ ଉପରାଷ୍ଟ୍ରପତି ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ସି.ପି. ରାଧାକ୍ରିଷ୍ଣନ୍ ଉଚ୍ଚ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ ନିଶାମୁକ୍ତ ଭାରତ ଗଠନରେ ଅଧିକରୁ ଅଧିକ ସାମିଲ ହେବା ସହ ନିଶାବ୍ୟବହାର ବିରୁଦ୍ଧରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । ଶ୍ରୀ ରାଧାକ୍ରିଷ୍ଣନ୍ ଚଳିତ ବର୍ଷ ଆରମ୍ଭରେ ବିଶ୍ୱବିଦ୍ୟାଳୟରେ ନିଶାମୁକ୍ତ କ୍ୟାମ୍ପସ୍ ଅଭିଯାନ ଏବଂ ଇ-ପ୍ରତିଜ୍ଞା ପ୍ଲାଟ୍‌ଫର୍ମର ଶୁଭାରମ୍ଭ ଉପରେ ଏହି ଅବସରରେ ଆଲୋକପାତ

କରିଛନ୍ତି । ୫୩ ହଜାରରୁ ଅଧିକ ଛାତ୍ରଛାତ୍ରୀ ଏଥିପାଇଁ ସାମୂହିକ ପଦକ୍ଷେପ ମାଧ୍ୟମରେ ନିଶାମୁକ୍ତ ପରିସର ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିବା ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ତି । ଏଭଳି ପଦକ୍ଷେପ ଏକ ସୁସ୍ଥ, ସଶକ୍ତ ଏବଂ ସମୃଦ୍ଧ ରାଷ୍ଟ୍ର ଗଠନରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

## ପିଏମ୍-ରୋଜଗାର ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା– ପିଏମ୍-ଭିବିଆର୍‌ୱାଇ ଅଧୀନରେ ପ୍ରାୟ ୨ ହଜାର ୪୦୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଏହି ଅର୍ଥ ପ୍ରଦାନ କେନ୍ଦ୍ର ସରକାରଙ୍କ ପ୍ରମୁଖ ନିଯୁକ୍ତି ଭିତ୍ତିକ ପ୍ରୋତ୍ସାହନ ଯୋଜନାର କାର୍ଯ୍ୟକାରିତା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। ଦେଶବ୍ୟାପୀ ଅଦ୍ୟାବଧି ଏହି ଯୋଜନା ଅନ୍ତର୍ଗତ ୧୫ ଲକ୍ଷ ହିତାଧିକାରୀଙ୍କୁ ନିଯୁକ୍ତି ପାଇବାରେ ସହାୟତା ମିଳିପାରିଛି। ଯୋଜନାରେ କର୍ମକ୍ଷେତ୍ରରେ ପ୍ରବେଶ କରୁଥିବା ନୂତନ କର୍ମଚାରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ମିଳିବ। ଗତ ବର୍ଷ ଅଗଷ୍ଟ ମାସ ପହିଲାରୁ

କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାରେ ସମୁଦାୟ ୯୯ ହଜାର ୪୪୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଦୁଇ ବର୍ଷ ମଧ୍ୟରେ ୩ କୋଟି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ରୋଜଗାର ସୃଷ୍ଟିକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ରହିଛି। ଯେଉଁଥିରେ କର୍ମକ୍ଷେତ୍ରରେ ନୂତନ ନିଯୁକ୍ତି ପାଇଥିବା ପ୍ରାୟ ୧ କୋଟି ୯୨ ଲକ୍ଷ ନୂତନ କର୍ମଚାରୀ ସାମିଲ ଅଛନ୍ତି।

# ନିଟ୍-ରିଭ୍ୟୁ ମିଟିଂ

ନିଟ୍-ୟୁ.ଜି. ପୁନଃ ପରୀକ୍ଷା ପ୍ରସ୍ତୁତି ନେଇ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇଛି । ପରୀକ୍ଷା ପ୍ରକ୍ରିୟାରେ ସ୍ୱଚ୍ଛତା, ସଚ୍ଚୋଟତା ଏବଂ ଦକ୍ଷତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ଉପରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଗୁରୁତ୍ୱ ପ୍ରଦାନ କରିଛନ୍ତି । ମୁକ୍ତ ଓ ନିରପେକ୍ଷ ପରୀକ୍ଷା ପରିଚାଳନା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ସୁନିଶ୍ଚିତ କରିବାକୁ ଶ୍ରୀ ପ୍ରଧାନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ପରୀକ୍ଷାର୍ଥୀଙ୍କୁ ଚାପମୁକ୍ତ ପରିବେଶ ତଥା ପରୀକ୍ଷା କେନ୍ଦ୍ରରେ ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗ ପ୍ରଦାନ ସୁନିଶ୍ଚିତ କରିବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦିଆଯାଇଛି । ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ. ନିର୍ଦ୍ଦେଶକ ଜେନେରାଲ୍ ଅଭିଶେକ୍ ସିଂହ ବୈଠକରେ ସୂଚନା ଦେଇ କହିଛନ୍ତି, ପରୀକ୍ଷାର ସୁଗମ ପରିଚାଳନାକୁ ସୁନିଶ୍ଚିତ

କରିବା ଲକ୍ଷ୍ୟ ନେଇ ଜିଲ୍ଲା ପ୍ରଶାସନ, ରାଜ୍ୟ ପୁଲିସ୍ ବିଭାଗ ଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକ ସହିତ ଏନ୍.ଟି.ଏ. ସମନ୍ୱିତ ଭାବେ କାର୍ଯ୍ୟ କରୁଛି । ଶିକ୍ଷା ମନ୍ତ୍ରଣାଳୟ, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ପ୍ରତିନିଧି, ଜାତୀୟ ପରୀକ୍ଷଣ ସଂସ୍ଥା ଏବଂ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀ ଏହି ବୈଠକରେ ଯୋଗଦେଇଥିଲେ । ଆଭାସୀ ମାଧ୍ୟମରେ ୨୨୦ରୁ ଅଧିକ ଅଂଶଗ୍ରହଣକାରୀ ବୈଠକରେ ଉପସ୍ଥିତ ଥିବା ଜଣାପଡ଼ିଛି । ଆସନ୍ତା ୨୧ ତାରିଖରେ ନିଟ୍-ୟୁଜି ପୁନଃ ପରୀକ୍ଷା ଅନୁଷ୍ଠିତ ହେବ ।

## ଏସ୍‌ସି-ଫରେଷ୍ଟ-ଝାଡ଼ଖଣ୍ଡ

ଦେଶ ବ୍ୟାପି ଜଙ୍ଗଲ ଏବଂ ପ୍ରାକୃତିକ ପରିସଂସ୍ଥାନର ସୁରକ୍ଷା ଉପରେ ସୁପ୍ରିମ୍‌କୋର୍ଟ୍ ଗୁରୁତ୍ୱ ପ୍ରଦାନ କରିଛନ୍ତି ।  ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ଝାଡ଼ଖଣ୍ଡ ଭଳି ରାଜ୍ୟରେ ପ୍ରଚୁର ପ୍ରାକୃତିକ ସମ୍ପଦ ଭରି ରହିଛି ଏବଂ ଏହାର ସଂରକ୍ଷଣ କରାଯିବା ଉଚିତ୍ । ଜଙ୍ଗଲ ଅଞ୍ଚଳ ନିକଟରେ ପଥର ଖଣି ଏବଂ ପଥର କ୍ରସର ସ୍ଥାପନ ନେଇ ଝାଡ଼ଖଣ୍ଡ ହାଇକୋର୍ଟ୍‌ଙ୍କ ଆଦେଶ ବିରୁଦ୍ଧରେ ଆଗତ ଏକ ଆବେଦନର ଶୁଣାଣି କରି ଖଣ୍ଡପୀଠ ଏହା କହିଛନ୍ତି । ଝାଡ଼ଖଣ୍ଡ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ସୁପ୍ରିମ୍‌କୋର୍ଟରେ ଏହି ଆବେଦନ ଦାଖଲ କରାଯାଇଛି । ଝାଡ଼ଖଣ୍ଡ ହାଇକୋର୍ଟ୍ ଏହି ମାମଲାର

ଯାଞ୍ଚ କରିଛନ୍ତି । ହାଇକୋର୍ଟ୍‌ଙ୍କ ସାମ୍ବିଧାନିକ ଅଧିକାର ଉପରେ ଗୁରୁତ୍ୱ ପ୍ରଦାନ ସହ ଏହି ଆବେଦନ ଉପରେ ହସ୍ତକ୍ଷେପ କରାଯାଇ ପାରିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ।

ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ ପ୍ରତ୍ୟାହାର କରିବାକୁ ଖଣ୍ଡପୀଠ ଅନୁମତି ପ୍ରଦାନ କରିଛନ୍ତି । ପରିବେଶ ସୁରକ୍ଷା ପାଇଁ ଝାଡ଼ଖଣ୍ଡ ହାଇକୋର୍ଟ୍ ଜଙ୍ଗଲ ପରିସୀମାଠାରୁ ନିର୍ଦ୍ଦିଷ୍ଟ ଦୂରତ୍ୱ ମଧ୍ୟରେ ପଥରଖଣି ଏବଂ ପଥର କ୍ରସର କାର୍ଯ୍ୟକୁ ସୀମିତ ରଖିଥିଲେ ।

## ଏସ୍‌ସି-ସ୍କଲାର୍‌ସିପ୍

ଚଳିତ ଆର୍ଥିକ ବର୍ଷରେ ଯୋଗ୍ୟ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କୁ ବୃତ୍ତିପ୍ରଦାନ ରେକର୍ଡ଼ ପରିମାଣ ବୃଦ୍ଧି ପାଇଛି ବୋଲି ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ କହିଛି ।  ମ୍ୟାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ଯୋଜନା ଅଧୀନରେ ଅନୁସୂଚୀତ ଜାତିର ୪୭ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ୬ ହଜାର ୨୦୮ କୋଟିରୁ ଅଧିକ ଟଙ୍କା ବୃତ୍ତି ପ୍ରଦାନ କରାଯାଇଛି ବୋଲି ମନ୍ତ୍ରଣାଳୟ କହିଛି । ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନା ଅଧୀନରେ ହିତାଧିକାରୀଙ୍କ ସଂଖ୍ୟାରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି । ଅନୁସୂଚୀତ ଜାତି ଏବଂ ଅନ୍ୟାନ୍ୟ ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ମ୍ୟାଟ୍ରିକ୍ ପୂର୍ବବର୍ତ୍ତୀ ଛାତ୍ର ବୃତ୍ତି ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ୫

ଲକ୍ଷ ୭୫ ହଜାରକୁ ବୃଦ୍ଧି ପାଇଛି । ଏହି ବୃତ୍ତି ଯୋଜନା ଅଧୀନରେ ସରକାର ୨୬ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ୫୬୨ କୋଟି ଟଙ୍କାରୁ ଅଧିକ ରାଶି ବୃତ୍ତି ବାବଦରେ ପ୍ରଦାନ କରିଛନ୍ତି ବୋଲି ମନ୍ତ୍ରଣାଳୟ କହିଛି ।

## ୟୁକ୍ରେନ୍ ଆଟାକ୍-ରଷିଆ

ରୁଷର ମସ୍କୋ ସହରର ଦକ୍ଷିଣପୂର୍ବ ଅଞ୍ଚଳ ସ୍ଥିତ ତୈଳ ବିଶୋଧନାଗାର ଉପରେ ୟୁକ୍ରେନ୍ ପକ୍ଷରୁ ଡ୍ରୋନ୍ ଆକ୍ରମଣ କରାଯାଇଥିବା ମସ୍କୋର ମେୟର୍ ସେର୍‌ଗେୟୀ ସୋବୟାନିନ ସୂଚନା ଦେଇଛନ୍ତି । ସପ୍ତାହକ ମଧ୍ୟରେ ଦ୍ୱିତୀୟଥର ପାଇଁ ମସ୍କୋର ତୈଳ ବିଶୋଧନାଗାରକୁ ଲକ୍ଷ୍ୟ କରି ଏଭଳି ଆକ୍ରମଣ ହୋଇଥିବା ଜଣାପଡ଼ିଛି ।

ଏପରିକି ରୁଷର ରୋସ୍ତଭ୍ ଅଞ୍ଚଳରେ ମଧ୍ୟ ୟୁକ୍ରେନ୍ ଆକ୍ରମଣ କରିଥିବା ସୂଚନା ମିଳିଛି । ରୁଷର ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ୟୁକ୍ରେନ୍‌ର ୫୫୫ଟି ଡ୍ରୋନ୍‌କୁ ପ୍ରତିରୋଧ କରାଯାଇ ନଷ୍ଟ କରିଦିଆଯାଇଛି । ଆକ୍ରମଣ ପରେ ମସ୍କୋର ୪ଟି ବିମାନ ବନ୍ଦରରୁ ଉଡ଼ାଣକୁ ବନ୍ଦ ରଖାଯାଇଥିବା ରୁଷର ପରିବହନ ମନ୍ତ୍ରାଳୟ ସୂଚନା ଦେଇଛି । ରୁଷର ସରକାରୀ ଗଣମାଧ୍ୟମ କହିଛି, ଚଳିତ ବର୍ଷର ଏହା ହେଉଛି ସବୁଠାରୁ ବଡ଼ ଆକ୍ରମଣଗୁଡ଼ିକ ମଧ୍ୟରୁ ଗୋଟିଏ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନେସ୍କି

କହିଛନ୍ତି, ରୁଷର ସାମରିକ କାର୍ଯ୍ୟାନୁଷ୍ଠାନ ଜବାବରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ।

## ଫିଫା

ଫିଫା ବିଶ୍ୱକପ୍ ପ୍ରତିଯୋଗିତାରେ ଆଜି ଗ୍ରୁପ୍-ଏ ପର୍ଯ୍ୟାୟ ମ୍ୟାଚ୍‌ରେ ଚେକ୍‌ଗଣରାଜ୍ୟ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ମ୍ୟାଚ୍ ଖେଳାଯିବ । ଆମେରିକାର ଆଟଲାଣ୍ଟା ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍‌ରେ ଭାରତୀୟ ସମୟରେ ରାତି ସାଢ଼େ ୯ଟାରେ ଆରମ୍ଭ ହେବ । ରାତି ସାଢ଼େ ୧୨ଟାରେ ଗ୍ରୁପ୍-ବି' ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଲସ୍‌ଏଞ୍ଜେଲସ୍‌ଠାରେ ସ୍ୱିଜରଲ୍ୟାଣ୍ଡ ଏବଂ ବୋସ୍‌ନିଆ ହର୍ଷଗୋବିନା ମଧ୍ୟରେ ମ୍ୟାଚ୍ ଖେଳାଯିବ ।

ପୂର୍ବରୁ ଗ୍ରୁପ୍-ଏ' ପର୍ଯ୍ୟାୟର ଏକ ମ୍ୟାଚ୍‌ରେ କଲମ୍ବିଆ ୩-୧ ଗୋଲ୍‌ରେ ଉଜ୍‌ବେକିସ୍ତାନକୁ ପରାସ୍ତ କରିଛି । ଗ୍ରୁପ୍-ଏଲ୍' ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ପାନାମାକୁ ୧-୦ ଗୋଲ୍‌ରେ ଘାନା ପରାସ୍ତ କରିଛି । ଗତ ରାତିରେ ଡଲ୍ଲାସ୍‌ଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଇଂଲଣ୍ଡ' କ୍ରୋଏସିଆକୁ ୪-୨ ଗୋଲ୍‌ରେ ପରାସ୍ତ କରିଥିଲା ।

# ପିଏମ୍-କିଶାନ୍-ଡବ୍ଲ୍ୟୁବି ଭିଜିଟ୍

ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲାର ତାରକେଶ୍ୱରଠାରେ ପି.ଏମ୍. କିଶାନ୍ ସମ୍ମାନନିଧି ଯୋଜନାର ୨୩ତମ କିସ୍ତି ଅର୍ଥ ପ୍ରଦାନ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଶନିବାର ଦିନ ଏହି ଅର୍ଥ ରାଶି ପ୍ରଦାନ କରିବେ ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ସୂଚନା ଦେଇଛି । ଦେଶ ବ୍ୟାପି ୯ କୋଟି ୪୪ ଲକ୍ଷରୁ ଅଧିକ ଚାଷୀଙ୍କ ବ୍ୟାଙ୍କ୍ ଖାତାକୁ ୧୮ ହଜାର ୮୮୦ କୋଟି ଟଙ୍କା ଡିବିଟି ମାଧମରେ ପ୍ରଦାନ କରାଯିବ । ସେଥିମଧ୍ୟରୁ ୨ କୋଟି ୧୮ ଲକ୍ଷରୁ ଅଧିକ ମହିଳା ଚାଷୀ ଅନ୍ତର୍ଭୁକ୍ତ ।

୨୦୧୯ ଫେବୃୟାରୀ ମାସରେ ଆରମ୍ଭ ହୋଇଥିବା ଏହି ଯୋଜନା ଅଧୀନରେ ଆସନ୍ତା ଶନିବାର ପ୍ରଦାନ କରାଯିବାକୁ ଥିବା ଅର୍ଥରାଶିକୁ ମିଶାଇ ଆବଣ୍ଟିତ ଅର୍ଥରାଶିର ପରିମାଣ ୪ ଲକ୍ଷ ୪୬ ହଜାର କୋଟିରୁ ଅଧିକ ହେବ ବୋଲି ମନ୍ତ୍ରଣାଳୟ କହିଛି । ଏହି ଗସ୍ତ ଅବସରରେ ପଶ୍ଚିମବଙ୍ଗରେ କେତେକ ପ୍ରମୁଖ କୃଷି ପଦକ୍ଷେପର ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ଏଥିମଧ୍ୟରେ ପ୍ରଧାନମନ୍ତ୍ରୀ ଫସଲବିମା ଯୋଜନା ପୁନଃ ପ୍ରସ୍ତୁତ ପାଣିପାଗ ଆଧାରିତ ଫସଲବୀମା ଯୋଜନା ଆଦି ଅନ୍ତର୍ଭୁକ୍ତ ।